**ସାର ଦୋକାନରେ ଅଧିକାରୀଙ୍କ ଯାଞ୍ଚ**

ଚନ୍ଦାହାଣ୍ଡି, (ଡି.ଏନ୍.ଏ.)- ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ସାର ଦୋକାନକୁ ଜିଲା ମୁଖ୍ୟକୃଷି ଅଧିକାରୀ ଆୟୁର୍ବେଦ ମିଶ୍ର, ବ୍ଲକ କୃଷି ଅଧିକାରୀ ଗଜାନନ ସାହୁ, ସହକାରୀ କୃଷି ଅଧିକାରୀ ଅମିତ କୁମାର ମଲିକ ତନଖି କରିଛନ୍ତି। ମହମ୍ମଦ ଏଜାଜଙ୍କ ସାର ଦୋକାନ ପରିଦର୍ଶନକରି ଦୋକାନ ସମ୍ମୁଖରେ ସାଇନ ବୋର୍ଡ, ଦର ତାଲିକା, ଷ୍ଟକ ପୋଜିସନ,ଲାଇସେନ୍ସ କପି ଟାଙ୍ଗିବାରେ ଅନିୟମିତତା ଲକ୍ଷ୍ୟ କରି ତାଗିଦ କରିଥିଲେ। କେତେକ ଦୋକାନରେ ଷ୍ଟକ ଖାତା ଓ ବିକ୍ରୟ ଖାତା ଠିକ ନ ଥିବାରୁ ପରବର୍ତ୍ତୀ ପରିଦର୍ଶନ ସମୟରେ ଠିକ କରିବା ପାଇଁ ପରାମର୍ଶ ଦେଇଥିଲେ। ସରକାର କୃଷି ବିଭାଗର ଚାଷ ଅନୁସାରେ ସାର ଯୋଗାଉ ଥିବାବେଳେ, ଜଙ୍ଗଲ ଜମିରେ ଚାଷ ପାଇଁ ସାର ଯୋଗାଉ ନାହାନ୍ତି ତେଣୁ ସମସ୍ତ ଚାଷୀଙ୍କୁ ନିଜ ଆଧାର କାର୍ଡରେ ସରକାରୀ ମୂଲ୍ୟ ରେ ସାର ଦେବାକୁ ନିର୍ଦ୍ଦେଶ ଦଦିଆଯାଇଛି।



## ସଂକ୍ଷେପରେ

### ଭୁବନେଶ୍ୱରରୁ ଜୟପୁର ଚତୁର୍ଥ ଥର ପରୀକ୍ଷାମୂଳକ ବିମାନ ଉଡ଼ାଣ

ଜୟପୁର ୮।୮(ନି.ପ୍ର.)- ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରୁ ଜୟପୁର ଚତୁର୍ଥ ଥର ପାଇଁ ବିମାନ ଉଡ଼ାଣ କରାଯାଇଛି। ୯ସିଟ୍ ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ଜୟପୁର ମଧ୍ୟରେ ଉଡାଣ ଭରିଛି। ଘରୋଇ ଇଣ୍ଡିଆ ୱାନ ଏୟାରର ଅଧିକାରୀମାନେ ଜୟପୁର ଏୟାରପୋର୍ଟରେ ପହଞ୍ଚି ଉଡ଼ାଣବେଳେ କ'ଣ ସମସ୍ୟା ରହିଛି ତା'ର ସମୀକ୍ଷା କରିଛନ୍ତି। କୋରାପୁଟ ଜିଲା ଏକ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ପାଇଲଟ୍‌ମାନଙ୍କୁ ଉପର ମ୍ୟାପ୍ ଓ ସମସ୍ତ ଦିଗକୁ ଜାଣିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଭିତ୍ତିଭୂମି ସୁଧାର ପରେ ନିୟମିତ ଯାତ୍ରୀସେବା ଆରମ୍ଭ ହେବ। ବର୍ତ୍ତମାନ ସୁଦ୍ଧା ଡିଜିସିଏ ଅନୁମତି ଦେଇନାହାନ୍ତି। କିନ୍ତୁ ଖୁବ୍ ଶୀଘ୍ର ଜୟପୁର ଏୟାରପୋର୍ଟରୁ ଯାତ୍ରୀବାହୀ ବିମାନ ଉଡିବା ଆଶା କରାଯାଉଛି।

### ପଞ୍ଚାୟତସ୍ତରୀୟ ଜନଶୁଣାଣି

ଜୟପୁର, ୮।୮(ନି.ପ୍ର.)- ଜୟପୁର ବ୍ଲକ ଅଧୀନ ଡଙ୍ଗରଛିଞ୍ଚିରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ଜନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜୟପୁର ବିଡିଓ ସୁରଜ ପଟ୍ଟନାୟକ, ଏବିଡିଓ ମନୋଜ ନାୟକ, ଅତିରିକ୍ତ ତହସିଲଦାର ମାନସ ଘଡ଼େଇ, ସୁପରଭାଇଜର ଟୁନା ପଟ୍ଟନାୟକ, ସରପଞ୍ଚ, ସମିତି ସଭ୍ୟଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଜନଶୁଣାଣିରେ ୭ଟି ଅଭିଯୋଗର ଶୁଣାଣି ହୋଇଛି। ୭ଟି ଅଭିଯୋଗ ମଧ୍ୟରୁ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ମରାମତି ଭଳି ଅଭିଯୋଗ ରହିଛି।

### ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଭେଟିଲେ ବିଧାୟକ



ଦଶମନ୍ତପୁର, ୮।୮(ଡି.ଏନ୍.ଏ.)- ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଥିବା ଗିର୍ଲିଗୁମା ପଞ୍ଚାୟତ ଛତାଆମ୍ବ ଗ୍ରାମର ଫିରୋଜ ହିଆଲଙ୍କ ପୁଅ ସୁଧୀର (୨୯) ଓ ଡିମ୍ବାଗୁଡା ଗାଁର ଲଳିତ ନାୟକଙ୍କ ସ୍ତ୍ରୀ ସମ୍ବାରି ନାୟକ(୬୦)ଙ୍କୁ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ଓ ବ୍ଲକ ଅଧକ୍ଷା ଭେଟିଛନ୍ତି। ସେମାନେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ବର୍ତ୍ତମାନ ସୁଦ୍ଧା ବ୍ଲକରେ ୭୨ ଜଣ ଝାଡ଼ାବାନ୍ତି ରେ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ଜଣଙ୍କ ମୃତ୍ୟୁ ହୋଇଛି।

### ନାଳରେ ଭାସିଯାଇ ବୃଦ୍ଧା ମୃତ

ବୈପାରୀଗୁଡା, ୮।୮(ଡି.ଏନ୍.ଏ.)- ବୈପାରୀଗୁଡା ଥାନା ଅଧୀନ କାଠପଡା ପଞ୍ଚାୟତ କେନ୍ଦୁପୁଟ ନିକଟ ନାଳରୁ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରାଯାଇଛି। ମୃତା ହେଲେ ଗାଞ୍ଜିଆଗୁଡା ଗ୍ରାମର କନେ ସାନ୍ତା (୬୫)। ଏ ନେଇ କନେଙ୍କ ପୁଅ ବୀଣା ଥାନାରେ ଏତଲା ଦେଇଛନ୍ତି। ରବିବାର କନେ ନିକଟସ୍ଥ କେନ୍ଦୁପୁଟ ଗ୍ରାମରୁ ଦୋକାନ ସଉଦା ପାଇଁ ଯାଇଥିଲେ। ନାଳରେ ପାର ହେବା ବେଳେ ସେ ଭାସି ଯାଇଥିଲେ। ବହୁ ଖୋଜାଖୋଜି ପରେ ବି କୌଣସି ସନ୍ଧାନ ମିଳି ନ ଥିଲା। ସୋମବାର ମୃତଦେହ ନାଳରେ ଭାସୁଥିବା ଲୋକେ ଦେଖିଥିଲେ। ଏନେଇ ବୈପାରୀଗୁଡା ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

### ଜିଲା କୋର୍ଟ ବେସ୍‌ମେଣ୍ଟରେ ଜମିଲା ବର୍ଷାଜଳ



ମାଲକାନଗିରି,୮।୮(ସ୍ୱ.ପ୍ର.)-ପ୍ରବଳ ବର୍ଷା ଯୋଗୁ ମାଲକାନଗିରି କୋର୍ଟ କମ୍ପ୍ଲେସର ବେସ୍‌ମେଣ୍ଟରେ ସୋମବାର ଏକ ଫୁଟ୍‌ରୁ ଉର୍ଦ୍ଧ୍ୱ ଉଚ୍ଚରେ ବର୍ଷାଜଳ ଜମି ରହିଥିଲା। ଫଳରେ ତଳେ ବସୁଥିବା ଓକିଲ, ମହକିଲଙ୍କୁ ହଇରାଣ ହେବାକୁ ପଡ଼ିଥିଲା। ଏହି ସ୍ଥାନରେ ଗାଡ଼ି ପାର୍କିଂ କରିବା ସହ ଓକିଲ ଓ ମହକିଲ ବସିଥାନ୍ତି। ବର୍ଷାଜଳ ଜମି ରହିଥିବାରୁ ମାଜିଷ୍ଟ୍ରେଟମାନେ ମଧ ଗାଡ଼ି ପାର୍କିଂ କରିପାରି ନ ଥିଲେ। ଏହି କୋଠାକୁ ବର୍ଷେ ତଳେ ଭର୍ଚ୍ୟୁଆଲରେ ମୁଖ୍ୟ ବିଚାରପତି ଏସ. ମୁରଲୀଧର ଉଦ୍‌ଘାଟନ କରିଥିଲେ। ନୂତନ କୋଠାକୁ ପୋଲିସ ହାଉସିଂ ବୋର୍ଡ ନିର୍ମାଣ କରିଥିଲା। ବର୍ଷେ ନ ପୂରୁଣୁ ପାଣି ଜମୁଥିବାରୁ ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି। ନିର୍ମାଣ କାର୍ଯ୍ୟ ସମୟରେ ଜଳ ନିଷ୍କାସନ ପାଇଁ ଚିନ୍ତା କରାଯାଇନାହିଁ। ଫଳରେ ଲିଫ୍ଟ ମଧ ବ୍ୟବହାର ହୋଇପାରୁନି। ପରେ ଜିଲା ଜଜ୍‌ଙ୍କ ନିର୍ଦ୍ଦେଶରେ ମୋଟର ଲଗାଇ ପାଣି ବର୍ଷାଜଳ ନିଷ୍କାସନ କରାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ପ୍ରକାଶ ପାଇଲା ଯୁକ୍ତ ୨ କଳା ପରୀକ୍ଷା ଫଳ

## ଅଟୋଚାଳକ, ଶ୍ରମିକଙ୍କ ଝିଅ ଯୁଗ୍ମ ବ୍ଲକ ଟପ୍ପର

**ତ୍ରିବେଣୀ ଜ୍ଞାନ ମନ୍ଦିରର ଶତ ପ୍ରତିଶତ ଫଳାଫଳ**

ପଦ୍ମପୁର,୮।୮(ଡି.ଏନ୍.ଏ.)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ପରୀକ୍ଷାରେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକର ତ୍ରିବେଣୀ ଜ୍ଞାନ ମନ୍ଦିରର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଅନୁଷ୍ଠାନରୁ ମୋଟ ୫୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩୩ ଜଣ ପ୍ରଥମ ଶ୍ରେଣୀ, ୧୬ ଜଣ ଦ୍ୱିତୀୟ ଏବଂ ୭ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ପଦ୍ମପୁରରେ ପ୍ରଥମ ଥର ପାଇଁ ଏହି ଅନୁଷ୍ଠାନର ପିଲା ସର୍ବାଧିକ ୬୦୦ରୁ ୪୯୫ ନମ୍ବର ରଖିଛନ୍ତି। ଅଟୋଚାଳକ ଏ. ନାଗଭୂଷଣଙ୍କ ଝିଅ ଏ. ଶ୍ରାବଣୀ ଏବଂ ଶ୍ରମିକ ବୃନ୍ଦାବନ ସୂର୍ଯ୍ୟଙ୍କ ଝିଅ ସୁରଞ୍ଜିତା ୪୯୫ ନମ୍ବର ରଖି ବ୍ଲକରେ ଯୁଗ୍ମ ଟପ୍ପର ହୋଇଛନ୍ତି। ଫଳାଫଳ ଶୁଣି ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ସଭାପତି ସ୍ୱାଗତ ଶେଖର ଜେନା, ସମ୍ପାଦିକା ସଞ୍ଜୁଲତା ଜେନା ଏବଂ ଅଧକ୍ଷ ପବିତ୍ର କୁମାର ଅଧିକାରୀ ସମସ୍ତ କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୪୯୯ ମାର୍କ ରଖି ଶେଖର ଭତରା ପ୍ରଥମ

**ନବରଙ୍ଗପୁର ମହାବିଦ୍ୟାଳୟ**

ନବରଙ୍ଗପୁର,୮।୮(ବି.ପ୍ର.)

ନବରଙ୍ଗପୁର ମହାବିଦ୍ୟାଳୟରେ ୩୪୨ଜଣ +୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୪୫ ଜଣ ପାସ କରିଛନ୍ତି। ୭୧.୬୩ % ପାସହାର ରହିଛି। ପ୍ରଥମ ଶ୍ରେଣୀରେ ୩୭, ଦ୍ୱିତୀୟ ଶ୍ରେଣୀରେ ୫୮ ଓ ତୃତୀୟ ଶ୍ରେଣୀରେ ୧୫୦ ଜଣ ଉତ୍ତୀର୍ଣ୍ଣ ହେଇଛନ୍ତି। ଶେଖର ଭତରା ୪୯୯ ନମ୍ବର ରଖି କଲେଜରେ ପ୍ରଥମ ହୋଇଛନ୍ତି। ବାବୃବାହାନ ବିଷୋୟୀ ଓ ଗୌତମ ଭତରା ୪୯୫ ନମ୍ବର ରଖି ମହାବିଦ୍ୟାଳୟସ୍ତରରେ ଯୁଗ୍ମ ଦ୍ୱିତୀୟ ହୋଇଛନ୍ତି।

## କୋରାପୁଟ ସରକାରୀ ମହାବିଦ୍ୟାଳୟର ୧୨୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

**ଡାଲିମ୍ବ ଗୁଣ୍ଠା କଲେଜ ଟପ୍ପର**

କୋରାପୁଟ,୮।୮(ସ୍ୱ.ପ୍ର.)

ଯୁକ୍ତ ଦୁଇ କଳା ପରୀକ୍ଷା ଫଳାଫଳ ସୋମବାର ପ୍ରକାଶ ପାଇଛି। କୋରାପୁଟ ସରକାରୀ ମହାବିଦ୍ୟାଳୟର ୧୨୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ମହାବିଦ୍ୟାଳୟର ଅଧକ୍ଷ ଦୀପକ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ମହାବିଦ୍ୟାଳୟର ଛାତ୍ରୀ ଡାଲିମ୍ବ ଗୁଣ୍ଠା ପରୀକ୍ଷାରେ ୮୬% ରଖି ମହାବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି। ଯୁକ୍ତ ଦୁଇ କଳାରେ କୋରାପୁଟ ସରକାରୀ ମହାବିଦ୍ୟାଳୟର ୪୬ ଜଣ ଦ୍ୱିତୀୟ ଓ ୪୦ ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ପ୍ରକାଶ ଯେ, କୋରାପୁଟ ସରକାରୀ ମହାବିଦ୍ୟାଳୟ +୨ କଳାରେ ମୋଟ ୨୩୦ ଜଣ ପରୀକ୍ଷା ଦେଇଥିଲେ।

## ସଞ୍ଜୀୟ ମୋହନ ଦଳେଇ କଲେଜ ଟପ୍ପର

**ବୈପାରୀଗୁଡା ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧମିକ ବିଦ୍ୟାଳୟ**

ବୈପାରୀଗୁଡା, ୮।୮(ଡି.ଏନ୍.ଏ.)

ଯୁକ୍ତ୨ କଳା ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ବୈପାରୀଗୁଡ଼ାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସ୍‌ହାର ୮୪.୭% ଥିବା ଅଧକ୍ଷ ମୁକୁନ୍ଦ ରଞ୍ଜନ ମହାରଣା ସୂଚନା ଦେଇଛନ୍ତି। ଚଳିତବର୍ଷ ସମୁଦାୟ ୨୩୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୯୫ ଜଣ ପାସ୍ ହୋଇଛନ୍ତି। ୪୬ଜଣ ପ୍ରଥମ, ୬୬ ଜଣ ଦ୍ୱିତୀୟ ଓ ୮୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଞ୍ଜୟ ମୋହନ୍ ଦଳେଇ ୮୬.୩୩ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଛନ୍ତି। ୫୧୬ ରଖି ମୁକୁନ୍ଦ ମହୁରିଆ ଏବଂ ୫୦୨ ନମ୍ବର ରଖି ଲକ୍ଷ୍ମଣ ନାରାଜି ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି।

## ୧୩୩ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ୍

**ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ**
**ସର୍ବାଧିକ ୫୩୬ ନମ୍ବର ରଖିଲେ ଗାନ୍ଧୀ**

ରାୟଗଡ଼ା ଅଫିସ,୮।୮

ଯୁକ୍ତ ୨ କଳା ପରୀକ୍ଷାରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟଳୟର ୧୩୩ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୭୮ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୧୦୦ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। କଲେଜର ପ୍ରଥମ ୩ ଜଣଙ୍କ ମଧ୍ୟରେ ଛାତ୍ର ଗାନ୍ଧୀ କରକରିଆ ସର୍ବାଧିକ ୫୩୬ ନମ୍ବର ରଖିଥିବାବେଳେ ଗୋପୀନାଥ ପାଣିଗ୍ରାହୀ ୫୩୪ ଏବଂ ନାନକ ସିଦ୍ଧାନ୍ତ ୫୨୮ ନମ୍ବର ରଖିଛନ୍ତି।

## ବନ୍ଦେ ମାତରମ୍ ସ୍ଲୋଗାନ ଦେଇ ସହର ପରିକ୍ରମା




କୋରାପୁଟ ଡାକ ବିଭାଗ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**କୋରାପୁଟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ**

କୋରାପୁଟ,୮।୮(ସ୍ୱ.ପ୍ର.)

କୋରାପୁଟରେ ଦେଶପ୍ରେମ ଭାବନାକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଡାକ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ମ୍ୟୁନିସିପାଲିଟି ଅଧକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏକ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଦେଶର ଗର୍ବ ଓ ଗରିମାକୁ ଅକ୍ଷୁର୍ଣ୍ଣ ରଖିବା, ପ୍ରତି ଘରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଶୋଭାଯାତ୍ରାରେ ଡାକ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ବାହାରି ଭାରତ ମାତା କୀ ଜୟ, ବନ୍ଦେ ମାତରମ୍ କହି ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ଏହି ଶୋଭାଯାତ୍ରାରେ ଡାକ ବିଭାଗର ଅତିରିକ୍ତ ଅଧକ୍ଷ ପରମାନନ୍ଦ ସାହୁ, ଆଇପିଓ ଦେବବ୍ରତ ବେହେରା ଏବଂ ପୋଷ୍ଟମାଷ୍ଟର ଶୁଭ୍ରାଶିଷ ମଣ୍ଡଳଙ୍କ ସମେତ ବିଭାଗର ସମସ୍ତ କର୍ମଚାରୀ, ସ୍ୱାମୀ ବିବେକାନନ୍ଦ ବିଦ୍ୟାପୀଠ ଓ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## ଚନ୍ଦ୍ରପୁରରେ ଓଟିଇଏଲ୍‌ପି ପ୍ଲସ୍ ପୁନର୍ବାର କାର୍ଯ୍ୟକାରୀ ଦାବି

**ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ବ୍ଲକ ଅଧକ୍ଷ, ସରପଞ୍ଚ**

ଚନ୍ଦ୍ରପୁର,୮।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ଏକ ଅଦିବାସୀ ଅଧୁଷିତ ବ୍ଲକ। ଗୁଣପୁର ଆଇଟିଡିଏ ପକ୍ଷରୁ ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ ଓଡ଼ିଶା ଜନଜାତି ସଶକ୍ତୀକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ(ଓଟିଇଏଲ୍‌ପି) ପ୍ଲସ୍‌ରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଥିଲା। ୨୦୨୧ ମାର୍ଚ୍ଚ ପରଠାରୁ ଏହା ସମ୍ପୂର୍ଣ୍ଣ ବନ୍ଦ ରହିଛି। କାର୍ଯ୍ୟକ୍ରମକୁ ପୁଣି ଆରମ୍ଭ କରିବାକୁ ଦାବି ହୋଇଛି।

ଓଟିଇଏଲ୍‌ପି ପ୍ଲସ୍ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଏମ୍‌ଜିଏନ୍‌ଆରଇଜିଏସ୍ ଓ ରାଜ୍ୟ ଯୋଜନାରେ ଅଞ୍ଚଳରେ ଆମ୍ବ ଓ କାଜୁ ଚାରାରୋପଣ, ଜମି ମରାମତି, ବନ୍ଧ କରିବା, ଛେଳି ପାଳନ, କୁକୁଡ଼ା ପାଳନ, ପାନୀୟ ଜଳ ପ୍ରକଳ୍ପ, ମେଶିନ ପ୍ରଦାନ ଆଦି ନିମନ୍ତେ ଆର୍ଥିକ ସହାୟତା ସହ ଧାନଚାଷ, ହଳଦୀ ଚାଷ, ପରିବା ଚାଷ ପାଇଁ ଦେୟମୁକ୍ତ ବିହନ ଯୋଗାଣ ହେଉଥିଲା। ଏହା ବ୍ୟତୀତ ୧୦ ଜଳ ବିଭାଜିକା ମିଶନ ଜରିଆରେ ଡାଙ୍ଗସୋରଡ଼ା, ବୁଡୁବାଲି, ଚନ୍ଦ୍ରପୁର, ସାରିକିମା ପଞ୍ଚାୟତର କିଛି ଗ୍ରାମରେ କାମ କରାଯାଉଥିଲା। ଏବେ କାର୍ଯ୍ୟକ୍ରମ ବନ୍ଦ ଥିବାବେଳେ ବ୍ଲକର ସମସ୍ତ ୮ ପଞ୍ଚାୟତରେ ପୁନର୍ବାର ଏହି କାର୍ଯ୍ୟକ୍ରମ କରିବାକୁ ରବିବାର ଚନ୍ଦ୍ରପୁର ବ୍ଲକ ଅଧକ୍ଷ କୋଇନ କିମ୍ବାକା, ଚନ୍ଦ୍ରପୁର ସରପଞ୍ଚ ରଞ୍ଜିତା ବ୍ରେକେବେଡା, ବିଜାପୁର ସରପଞ୍ଚ ଜର୍ମିନା ପାଡାଗାଣ୍ଡା, ସାରିକିମା ସରପଞ୍ଚ ଫକୀର ମୋହନ ଗୁମିଡେଙ୍ଗା, ବୁଡ଼ିବାଲି ସରପଞ୍ଚ ସୁନୀତା ମୁଣ୍ଡିକା ପ୍ରମୁଖ ଏକ ଦାବିପତ୍ର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ପ୍ରଦାନ କରିଛନ୍ତି।

## କେନ୍ଦୁପତ୍ର ତୋଳାଳିଙ୍କ ପରିବାର ଲୋକଙ୍କୁ ମୃତ୍ୟୁକାଳୀନ ସହାୟତା

ମାଲକାନଗିରି,୮।୮(ଡି.ଏନ୍.ଏ.)

ରାଜ୍ୟ ସରକାର କେନ୍ଦୁପତ୍ର ଶ୍ରମିକଙ୍କ ପାଇଁ ବିଭିନ୍ନ କଲ୍ୟଣ ଯୋଜନା କରିଛନ୍ତି। କେନ୍ଦୁପତ୍ର ତୋଳାଳି ବନ ବିଭାଗକୁ ପତ୍ର ବିକ୍ରି ସମୟରେ ସରକାରୀ ପ୍ରାପ୍ୟ ସହ ବୋନସ, ପତ୍ର ସଂଗ୍ରହ ସମୟରେ ଚପଲ, ଛତା, ଔଷଧ, ଝିଅ ପୁଅଙ୍କ ଉଚ୍ଚଶିକ୍ଷା, ବିବାହ, ଜୀବନ ବୀମା ଇତ୍ୟାଦି ପାଇଥାନ୍ତି। ବେସରକାରୀ ସଂସ୍ଥାମାନେ ପତ୍ର ତୋଳାଳିମାନଙ୍କୁ ଏହି ସମସ୍ତ ସୁବିଧା ଦେଉନାହାନ୍ତି। ମାଲକାନଗିରି ଜିଲାରେ ପଞ୍ଜୀକୃତ କେନ୍ଦୁପତ୍ର ଶ୍ରମିକ ଭାବେ କାର୍ଯ୍ୟକରି ଅନେକ ଶ୍ରମିକଙ୍କ ମୃତ୍ୟୁ ଘଟୁଥିବାରୁ ସେମାନଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ମାଲକାନଗିରି ସଦର ମହକୁମା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ମୁଖ୍ୟ ବନ ସଂରକ୍ଷକ, ପ୍ରଦୀପ କୁମାର ମହାପାତ୍ର, ଜୟପୁର ଡିଏଫଓ ପ୍ରଫୁଲ୍ଲ କୁମାର ମଣ୍ଡଳ, ମାଲକାନଗିରି କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ସୁନନ୍ଦ ପଟ୍ଟନାୟକ, ଯୋଗ ଦେଇଥିଲେ। ମାଲକାନଗିରି ଜିଲା ନିଳିଗୁଡ଼ା ପଞ୍ଚାୟତ ଉସ୍କାଲବାଘ ଗ୍ରାମର ଦେବ କୁରାମୀ, ମାଟାପାକା ପଞ୍ଚାୟତ ଓର୍କେଲଗୁଡ଼ା ଗ୍ରାମର ଉରେ ସୋଡି, କମଲାପଦର ଗ୍ରାମର ପି. କବାସୀ, ବଦଲିଗୁଡ଼ା ପଞ୍ଚାୟତ ପାକନାଗୁଡ଼ା ଗ୍ରାମର ରାମ ମାଡକାମିଙ୍କୁ ସେମାନଙ୍କ ପରିବାର ବର୍ଗଙ୍କ ମୃତ୍ୟୁ ଘଟିଥିବାରୁ କଲ୍ୟାଣ ଯୋଜନା ମାଧ୍ୟମରେ ୧ ଲକ୍ଷ ଟଙ୍କା ଲେଖଏ ସହାୟତା ପ୍ରଦାନ କରାଯାଇଛି। ପ୍ରକାଶଯୋଗ୍ୟ, ରବିବାର ଏମ୍‌ଭି ୭୯ ବନାଞ୍ଚଳ ପକ୍ଷରୁ ୬ କେନ୍ଦୁପତ୍ର ତୋଳାଳିଙ୍କ ସମ୍ପର୍କୀୟଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ମୃତ୍ୟୁକାଳୀନ ସହାୟତା ମୁଖ୍ୟ ବନ ସଂରକ୍ଷକଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।




ମୃତ୍ୟୁକାଳୀନ ସହାୟତା ପାଇଥିବା କେନ୍ଦୁପତ୍ର ତୋଳାଳିଙ୍କ ପରିବାର ଲୋକେ ଏବଂ ବନ ବିଭାଗ ଅଧିକାରୀମାନେ।

## ହର୍ ଘର୍ ତ୍ରିରଙ୍ଗା କର୍ଯ୍ୟକ୍ରମ ସଫଳ କରିବାକୁ କେଭି ପକ୍ଷରୁ ସଚେତନତା



ମାଲକାନଗିରି,୮।୮(ସ୍ୱ.ପ୍ର.)

ସୋମବାର ମାଲକାନଗିରି ସଦର ମହକୁମାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ତରଫରୁ ଏକ ସଚେତନତା ରାଲି କରାଯାଇଛି। କେନ୍ଦ୍ର ସରକାର ଏଥର ସ୍ୱାଧୀନତା ଦିବସ ପୂର୍ବରୁ ସମସ୍ତ ଅଫିସ,ବିଦ୍ୟାଳୟ ଓ ଘରେ ଜାତୀୟ ପତାକା ଲଗାଇବା ସହ ସୋସିଆଲ ମିଡ଼ିଆ ଡିପିରେ ତ୍ରିରଙ୍ଗା ରଖିବା ସହ ପ୍ରଭାତଫେରି କରିବାକୁ ସଚେତନତା କରାଯାଉଥିଲା ବେଳେ ଏହାକୁ ମାଲକାନଗିରି ଜିଲାରେ ପାଳନ କରିବାକୁ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଦଣ୍ଡକାରଣ୍ୟ ଖେଳ ପଡ଼ିଆରୁ ସ୍କୁଲର ପ୍ରିନ୍ସିପାଲ ଇକ୍‌ରାର୍ ମହମ୍ମଦ ଉଦ୍‌ଘାଟନ କରିଥିଲେ। ସେଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବିଦ୍ୟାଳୟରେ ପହଞ୍ଚିଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଏନ୍‌ସିସି କ୍ୟାଡେଟ୍‌ମାନେ ସାମିଲ ହୋଇଥିଲେ। ସମସ୍ତେ ପୋଷ୍ଟର, ଫ୍ଲା କାର୍ଡ ଧରିବା ସହ ଦେଶାତ୍ମବୋଧକ ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରାରେ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସିପାଲଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଭି. ଜ୍ୟୋତି ପ୍ରକାଶ, ସଜନ କୁମାର, ମଳୟ ସାଧୁଖାନ, ଶୋଭାଗ ମାଲବରୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ଦିନରେ ୭ ଚୋରି

ନବରଙ୍ଗପୁର,୮।୮(ବି.ପ୍ର.)

ନବରଙ୍ଗପୁର ଥାନା ଅଞ୍ଚଳରେ ଗୋଟିଏ ଦିନରେ ଲଗାତାର ତିନୋଟି ସ୍ଥାନରେ ଚୋରି ହୋଇଛି । ଏନେଇ ନବରଙ୍ଗପୁର ଥାନାରେ ତିନୋଟି ପୃଥକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଜାରି ରଖିଛି। ତେବେ ନବରଙ୍ଗପୁର ସହରରେ ୧୦ ଦିନ ମଧ୍ୟରେ ଏହା ୭ ଟି ଚୋରି ଘଟଣା। ନବରଙ୍ଗପୁର ସହରର ନୂଆବନ୍ଧ ସାହିର କେ. ବେଣୁ ଗୋପାଳ ରାଓ ଏବେ ନନ୍ଦାହାଣ୍ଡି ବ୍ଲକ ମଝିଗୁଡାରେ ରହୁଛନ୍ତି । ୭ ତାରିଖ ମାଆଙ୍କୁ ନୂଆବନ୍ଧ ସାହିରୁ ମେଡ଼ିକାଲ ନେଇ ଯାଇଥିଲେ । ସୋମବାର ସକାଳୁ ପୋଡ଼ଶୀ ଲାକପତି କୁମାର କବାଟ ଓ ଭେଣ୍ଟିଲେସନ ଖୋଲା ଥିବା ବେଣୁ ଗୋପାଳକୁ ଜଣାଇଥିଲେ। ବେଣୁ ଜଣେ ଖବରଦାତା। ତାଙ୍କ ଘରୁ ମାଇକ, ପେନ ଡ୍ରାଇଭ, ଡ୍ରେସ, ବ୍ଲୁଟୁଥ, ରୁପା ମୁଦି, ପାଉଁଜି, କ୍ୟାମରା ଓ ୩ ହଜାର ଟଙ୍କା ଚୋରି ହୋଇଥିବା ଏତଲାରେ ଦର୍ଶାଇଛନ୍ତି। ପୋଲିସ କେସ୍ ନଂ. ୩୯୮/୨୨ରେ ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ ଓ ପୋଲିସ ତଦନ୍ତ ଆରମ୍ଭ କରିଛି। ଚାଉରିଆଗୁଡା ସାହିର କେ.ଆଦିତ୍ୟ ପ୍ରସନ୍ନ ୨୬ ନମ୍ବର ଜାତୀୟ ରାଜପଥ କଡ଼ ଜେଇଏଲସି କମ୍ପ୍ଲେକ୍ସରେ ୱାନ ଗ୍ରାମ ଗୋଲଡ଼ ଦୋକାନ କରିଛନ୍ତି। ଦୋକାନର ପଛପଟ କାନ୍ଥ ଖୋଲି ନଗଦ ୫ ହଜାର ଟଙ୍କା , ଗୋଟା ହାର, ଶଙ୍ଖା ଆଦି ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି। ତେବେ ଏହି ଦୋକାନଟି ଥାନାରୁ ମାତ୍ର ଶହେ ମିଟର ଦୂର ମଧ ହେବ ନାହିଁ। ଏନେଇ ପୋଲିସ କେସ ନ. ୩୯୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସେମିତି ଭଟିଶାଳଗୁଡା ସାହିର ସିଭାଞ୍ଜଳି ପଟ୍ଟନାୟକ ରବିବାର ଘରୁ ବାହରକୁ ଯାଇଥିଲେ। ତାଙ୍କ ଆଲମାରୀ ଭାଙ୍ଗି ୬୦ ହଜାର ଟଙ୍କା, ବିଭିନ୍ନ ଦାମୀ ଶାଢ଼ି, ସୁନାଗହଣା ଓ ଘର ଆସବା ପତ୍ର ଚୋରି ହୋଇଥିବା ନେଇ ଫେରିବା ପରେ ସେ ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ କେସ୍ ନଂ ୪୦୧/୨୨ ରୁଜୁ କରି ତଦନ୍ତ ଜାରି ରଖିଛି।

## ଲାଞ୍ଜିଆଙ୍କୁ 'ଜାତୀୟ ପତାକା' ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

ଗୁଣପୁର,୮।୮(ଡି.ଏନ୍.ଏ.)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ଅବସରରେ ଭୁବନେଶ୍ୱର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର ବିରଳ ତଥା ଆଦିମ ଜନଜାତି ଲାଞ୍ଜିଆ ସୌରାଙ୍କୁ ମଞ୍ଚଉପରେ ଦେଖିବାକୁ ମିଳିଥିଲା। ଆଜାଦୀ କା ଅମୃତ ମହୋତ୍ସବ ପଳନ ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ହେଇଥିବା କାର୍ଯ୍ୟକ୍ରମକୁ ଲାଞ୍ଜିଆ ସୌରା ସମ୍ପ୍ରଦାୟର ବୀରଭଦ୍ର ଦଳବେହେରା ଏବଂ ଲକ୍ଷ୍ମୀ ଶବର ନିମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜାତୀୟ ପତାକା ସହ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଫୋଟ ଚିତ୍ର ସ୍ମାରକୀ ପ୍ରଦାନ କରିଥିଲେ। ପାରମ୍ପରିକ ବେଶରେ ସେମାନେ ସଜ୍ଜିତ ହୋଇ ଅଧିକ ଆକର୍ଷଣୀୟ ଏବଂ ନିଆରା ଦେଖା ଯାଉଥିଲେ। ଏହାଦେଖି ମନ୍ତ୍ରୀ ଲକ୍ଷ୍ମୀ ଏବଂ ବୀରଭଦ୍ରଙ୍କ ବିଷୟରେ ଜାଣିବାକୁ ଚାହିଁଥିଲେ। ପରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସେମାନଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ଜାତୀୟ ପତାକା ସହ ଫୋଟଚିତ୍ର ପାଇବା ଗୌରବ ଏବଂ ଏକ ବିରଳ ମୁହୂର୍ତ୍ତ ବୋଲି ଲକ୍ଷ୍ମୀ ଏବଂ ବୀରଭଦ୍ର କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଏବଂ ଦଳୀୟ ନେତା ମାନେ ଉପସ୍ଥିତ ଥିଲେ।



ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କଠାରୁ ଲକ୍ଷ୍ମୀ ଏବଂ ବୀରଭଦ୍ର ଜାତୀୟ ପତାକା ଓ ସ୍ମାରକୀ ଗ୍ରହଣ କରୁଛନ୍ତି।

## ପୋଲାଭରମଜନିତ କ୍ଷୟକ୍ଷତିର ସ୍ଥାୟୀ ପ୍ରତିକାର ଦାବି କଲେ ଏମ୍‌ପି

ଖଇରପୁଟ,୮।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ମୋଟୁ ଓ ଏହାର ଆଖପାଖ ଅଞ୍ଚଳରେ ପୋଲାଭରମ ପ୍ରକଳ୍ପ ଜନିତ କ୍ଷୟକ୍ଷତିର ସ୍ଥାୟୀ ପ୍ରତିକାର ନିମନ୍ତେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ସୋମବାର କେନ୍ଦ୍ର ଜଳ ସମ୍ପଦ ବିଭାଗ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ତାଙ୍କ ପତ୍ର ମାଧ୍ୟମରେ ଦର୍ଶାଇଛନ୍ତି ଯେ, ଆନ୍ଧ୍ର ପ୍ରଦେଶ ସରକାରଙ୍କ ପକ୍ଷରୁ ନିର୍ମାଣ ହେଉଥିବା ପୋଲାଭରମ ପ୍ରକଳ୍ପ ଦ୍ୱାରା ଚଳିତ ବର୍ଷାରେ ମାଲକାନଗିରି ଜିଲାର ମୋଟୁ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଉକ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ସେ ମନ୍ତ୍ରୀଙ୍କୁ ସାକ୍ଷାତ କରି ଅନୁରୋଧ କରିଛନ୍ତି।



ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପ୍ରକାଶଯୋଗ୍ୟ, ନବରଙ୍ଗପୁର ଏମ୍‌ପି ଜୁଲାଇ ୨୩ ରେ ମୋଟୁ ସମେତ ଏହାର ଆଖପାଖ ଅଞ୍ଚଳରେ ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁ ଲୋକଙ୍କ ଧନଜୀବନ ପ୍ରଭାବିତ ହୋଇଥିବା ବିଷୟରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ। ଲୋକଙ୍କ ଥଇଥାନ ଓ ପ୍ରପୀଡ଼ିତଙ୍କୁ ରିଲିଫ ପ୍ରଦାନକୁ ପ୍ରାଥମିକତା ଦେବା ଭଳି ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ପ୍ରଶାସନକୁ ଜଣାଇଥିଲେ।

## ଆରମ୍ଭରୁ ରାସ୍ତାକାମ ବନ୍ଦ କରିଦେଲେ ଗ୍ରାମବାସୀ

**ପିଏମ୍‌ଜିଏସ୍‌ୱାଇରେ ନିମ୍ନମାନର ରାସ୍ତାକାମ**

କୋରୁକୋଣ୍ଡା,୮।୮(ଡି.ଏନ୍.ଏ.)

ରାଜ୍ୟ ଓ କେନ୍ଦ୍ର ସରକାର ଗମନାଗମନର ସୁବିଧା ପାଇଁ ପକ୍କାରାସ୍ତା ନିର୍ମାଣରେ ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ ସ୍ଥାନୀୟ ପ୍ରଶାସନ ଏବଂ ଠିକାଦରଙ୍କ ମିଳିତ ଦୁର୍ନୀତି ଯୋଗୁ ରାସ୍ତାକାମ ନିମ୍ନମାନର ହେବା ସହ କମ୍ ଦିନରେ ନଷ୍ଟ ହେଉଛି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୋଡ୍ରେଲ ପଞ୍ଚାୟତର ପରମିଲା ପଦର ଗ୍ରାମରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ନିମ୍ନମାନର ରାସ୍ତାକାମ ଯୋଗୁ ଗ୍ରାମବାସୀ ରାସ୍ତାକାମ ବନ୍ଦ କରିଛନ୍ତି।

ପରମିଲା ପଦର ଛକଠାରୁ ଏମ୍‌ଭି–୫୨ ଗ୍ରାମଦେଇ ସୋର୍ଲୋକୋଣ୍ଡା ପର୍ଯ୍ୟନ୍ତ ୩.୯୭ କିମି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)ରେ ପକ୍କାରାସ୍ତା କରିବା ନିମନ୍ତେ ୧୭୬.୪୩ ଲକ୍ଷ ବ୍ୟୟ ଅଟକଳରେ ଅଗଷ୍ଟ ୨ ରେ ମାଲକାନଗିରି ଡିଆରଡିଏ ପକ୍ଷରୁ ତରଫରୁ ଏସ୍. ପ୍ରଭାକର ନାମକ ଠିକାଦାରଙ୍କୁ କାମ ହସ୍ତାନ୍ତର କରଯାଇଥିଲା। କାମ ଆରମ୍ଭ ହୋଇ ରାସ୍ତାରେ ମେଟାଲ ପକାଇ ରୋଲର ସାହାଯ୍ୟରେ ସମତୁଲ କରାଯାଉଥିଲା। ଏହି ସମୟରେ କ୍ରଶର ମେଟାଲ ବଦଳରେ ହାତ ଭଙ୍ଗା ମେଟାଲରେ ଉକ୍ତ ରାସ୍ତାକାମ ହେଉଥିଲା। ରୋଲର ଦ୍ୱାରା ସମତୁଲ ସମୟରେ ମେଟାଲ ଗୁଣ୍ଡ ହେଉଥିବା ଦେଖି ଏମ୍‌ଭି–୫୨ ଗ୍ରାମର ଲେକେ ବିରୋଧ କରିଥିଲେ। ସରକାରଙ୍କ ନିୟମ ଅନୁସାରେ କାମ ହେଉ ନ ଥିବାରୁ ଗ୍ରାମବାସୀ କାମ ବନ୍ଦ କରିବା ସହ ଏହାର ପ୍ରତିବାଦ କରିଥିଲେ। ଏ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ରାସ୍ତାକାମକୁ ସ୍ଥଗିତ ରଖି ରାସ୍ତାରେ ପଡ଼ିଥିବା ହାତଭଙ୍ଗା ମେଟାଲ ମେଟାଲକୁ ଉଠାଇବା କାମ ଆରମ୍ଭ ହୋଇଥିଲା। ତେବେ ରାସ୍ତାକାମ ଆରମ୍ଭରୁ ଅନିୟମିତତା ଦେଖାଦେଇଛି। ଏବେ ମଧ ରାସ୍ତାକାମ ପାଇଁ ପଡ଼ିଥିବା କ୍ରଶର ମେଟାଲରେ ଗୁଣ୍ଡ ଅଧିକ ଥିବା ଗ୍ରାମର ନୀତିଶ ବିଶ୍ୱାସ, ଯୋଗେନ୍ଦ୍ର ସେନ, ପ୍ରେମାନନ୍ଦ ମଣ୍ଡଳ, ଅରବେନ୍ଦୁ ସେନ, ଦେବେନ୍ଦ୍ର ସେନ, ଇନ୍ଦ୍ର ପଡିଆମି ପ୍ରମୁଖ ଅଭିଯୋଗ କରିଛନ୍ତି। ଆଗକୁ କାମରେ ଅନିୟମିତତା ହେଲେ ଘୋର ବିରୋଧ କରାଯିବ ବୋଲି ସେମାନେ କହିଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମଣିକ କୁମ୍ଭାରଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ପରେ ଠିକାଦାରଙ୍କୁ ତାଗିଦ କରାଯାଇଛି। କ୍ରଶର ମେଟାଲ ବ୍ୟବହାର ପାଇଁ କୁହାଯାଇଥିବା ସେ ପ୍ରକାଶ କରିଛନ୍ତି।



କ୍ରଶର ମେଟାଲ ବଦଳରେ ରାସ୍ତାକାମରେ ହାତଭଙ୍ଗା ମେଟାଲ ବ୍ୟବହାର ହୋଇଛି ।

# ଲଗାଣ ବର୍ଷାରେ ଫୁଲୁଛି ଇନ୍ଦ୍ରାବତୀ, ଭାସ୍କେଲ

■ ୧୨ ଗାଁର ଶତାଧିକ ଲୋକେ ଜଳବନ୍ଦୀ

■ ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ଥିବା ତହସିଲଦାରଙ୍କ ସୂଚନା

କୋଡ଼ିଙ୍ଗା/କୋଷାଗୁମୁଡା, ୮।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକରେ ୩ଦିନ ଧରି ଲଗାଣ ବର୍ଷା ଫଳରେ ଇନ୍ଦ୍ରାବତୀ, ଭାସ୍କେଲନଦୀ ଓ ଶାଖା ନଦୀ ଫୁଲି ଉଠୁଛି। ପ୍ରଭାବିତ ହେଉଛି ଲୋକଙ୍କ ଜୀବନଯାତ୍ରା। ଉଭୟ ନଦୀ ଅବବାହିକରେ ଥିବା କୋଷାଗୁମୁଡା ବ୍ଲକର ଉକିଆପାଲି, ଚିର୍ମା, ସାନଆମ୍ବଡା, କୋକଡ଼ି ସେମଳା, ବିଞ୍ଜଲି ପଞ୍ଚାୟତର ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ଗାଁରେ ଦେଖାଦେଇଛି ବନ୍ୟା ଆଶଙ୍କା। ସୋମବାର ସନ୍ଧ୍ୟା ସୁଦ୍ଧା ଭାସ୍କେଲ ନଦୀରେ ଜଳସ୍ତର ପ୍ରାୟ ବିପଦସଙ୍କେତଠାରୁ ମାତ୍ର ୧ଫୁଟ ତଳକୁ ରହିଛି। କ୍ରମାଗତ ଭାବେ ଯଦି ରାତିରେ ବର୍ଷା ହୁଏ ତେବେ ଏଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି।

ନଦୀକୂଳକୁ ଲାଗି ରହିଥିବା ବି.ଏମ୍.ସେମଳା ପଞ୍ଚାୟତର କେରାଣ୍ଡିମାଳ, ଉକିଆପାଲି ପଞ୍ଚାୟତର ବରଗାଁ, ହର୍ଦ୍ଦୋଳି, ଘାଟବାସଲିଠାରେ ନଦୀର ଜଳସ୍ତର ନଦୀ ମୁହାଣକୁ ଲାଗିରହିଛି। ସେହିପରି କର୍ଚ୍ଚାମାଳ-ମିଚିଆ, ଚିର୍ମା-ଅସଙ୍ଗା, କେରାଣ୍ଡିମାଳ-ରୁନିଗୁଡା ସଂଯୋଗ କରୁଥିବା ରାସ୍ତା ଉପରେ ବର୍ଷାପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଚିର୍ମା ପଞ୍ଚାୟତର ଖଣ୍ଡିଗୁଡ଼ା, ଭାଟାଗୁଡ଼ା, ଦୁଗୁଲାହାଣ୍ଡି, ଜାଗନୀଗୁଡା, କେ.ସେମଳା ପଞ୍ଚାୟତର କଣ୍ଟାସରୁଗୁଡା, ଘାଟୁଆଳିଗୁଡା,ବିଞ୍ଜଲି ପଞ୍ଚାୟତର ଘାଟକସମୀ, ଘାଟଚୁରା, ଆଲପଦର, ଦାଡିଆଗୁଡା, ଉକିଆପଲ୍ଲୀ ପଞ୍ଚାୟତର ଘାଟବାସଲି, ହର୍ଦ୍ଦୋଳି ଗାଁରେ ଭିତରେ ବର୍ଷାଜଳ ନିଷ୍କାସନ ହୋଇପାରି ନ ଥିବାବେଳେ ଲୋକେ ଜଳବନ୍ଦୀ ଅଛନ୍ତି। ଟେମାରା ପଞ୍ଚାୟତର ଚୁରାହାଣ୍ଡି



ଗାଁର ଜଳବନ୍ଦୀ ଥିବା ୩୦ ଲୋକଙ୍କୁ ଅଣାଯାଇ ଶୁଖିଲା ଖାଦ୍ୟ ଦିଆଯାଇଛି। ଲଗାଣ ବର୍ଷାରେ ବେହାଲ ହୋଇଛି କୋଷାଗୁମୁଡା ବ୍ଲକ। ରବିବାର ବ୍ଲକରେ ମୋଟ ୧୪୫ମି.ମି. ବର୍ଷା ରେକର୍ଡ କରାଯାଇଛି। ୫୨ଟି ଘର ଆଂଶିକ ଭାଙ୍ଗିଯାଇଥିବା ବେଳେ ସମସ୍ତଙ୍କୁ ପ୍ରଶାସନ ପକ୍ଷରୁ ପଲିଥିନ୍ ଯୋଗାଇ ଦିଆଯାଇଛି। ବ୍ଲକର ୨୬ ପଞ୍ଚାୟତର ବହୁଗାଁରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରିନାହିଁ। ସେହିଭଳି ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ବର୍ଷାପାଣି ପଶି ରହିଛି। ପ୍ରଶାସନ ପକ୍ଷରୁ ସମସ୍ତ ନଦୀକୂଳିଆ ଗାଁଗୁଡିକୁ ଆଲର୍ଟ କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅନୁଧ୍ୟାନ କରାଯାଉଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ତହସିଲଦାର ଶିବପ୍ରସାଦ ପଟ୍ଟନାୟକଙ୍କୁ ପଚାରିବାରୁ ସମସ୍ତ ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି। ବନ୍ୟା ହେଲେ ଲୋକମାନଙ୍କୁ ନିକଟସ୍ଥ ସ୍କୁଲକୁ ଅଣାଯିବା ଯୋଜନା କରାଯାଇଛି ବୋଲି ସେ କହିଛନ୍ତି।

## ରାତି ସୁଦ୍ଧା ୧୦୦ ଜଣଙ୍କୁ ସ୍ଥାନାନ୍ତର କରାଯିବ: ବିଡିଓ

କୋଷାଗୁମୁଡା, ୮।୮(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ କର୍ଚାମାଳ-ମିଚିଆ, ଚିର୍ମା-ଅସଙ୍ଗା, କେରାଣ୍ଡିମାଳ-ରୁନିଗୁଡା, ଚୁରୁଚୁଣ୍ଡା- ବି.ଗୁମଣ୍ଡଲୀ, ବି.ଏମ୍. ସେମଳା-କୋଣ୍ଡାପୁରୀ, ଚିର୍ମା- ଅସୋଙ୍ଗାବଡ ଆମ୍ବଡା-ହର୍ଦ୍ଦୋଳିକୁ ସଂଯୋଗ କରୁଥିବା ରାସ୍ତା ଉପରେ ବର୍ଷାପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ଚିର୍ମା ପଞ୍ଚାୟତର ଖଣ୍ଡିଗୁଡ଼ା, ଭାଟାଗୁଡା, ଦୁଗୁଲାହାଣ୍ଡି, ଜାଗନୀଗୁଡା, କେ.ସେମଳା ପଞ୍ଚାୟତର କଣ୍ଟାସରୁଗୁଡା, ଘାଟୁଆଳିଗୁଡା, ବିଞ୍ଜଲି ପଞ୍ଚାୟତର ଘାଟକସମୀ, ଘାଟଚୁରା, ଆଲପଦର, ଦାଡିଆଗୁଡା, ଉକିଆପଲ୍ଲୀ ପଞ୍ଚାୟତର ଘାଟବାସଲି, ହର୍ଦ୍ଦୋଳି ଗାଁରେ ଭିତରେ ବର୍ଷାଜଳ ନିଷ୍କାସନ ହୋଇପାରି ନ ଥିବାବେଳେ ଲୋକେ ଜଳବନ୍ଦୀ ଭଳି ଫସି ରହିଥିଲେ। ଲଗାଣ ବର୍ଷାରେ କୋଷାଗୁମୁଡା ସଦର କୁମ୍ଭାରସାହି ରାସ୍ତାରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଥିବାବେଳେ ପାଣି ଯେପର ଘର ଭିତରକୁ ନ ପଶିବ ଲୋକେ ସେଥିପାଇଁ ହୁଡ଼ା କରିଥିଲେ। କୋଷାଗୁମୁଡା ବ୍ଲକରେ ସୋମବାର ୧୪୯.୦୯ ବର୍ଷା ରେକର୍ଡ କରାଯାଇଛି। ବେଳେ ମୋଟ ୫୨ଟି ଘର ଆଂଶିକ ଭାଙ୍ଗିଯାଇଥିବା ବେଳେ ସମସ୍ତଙ୍କୁ ପ୍ରଶାସନ ପକ୍ଷରୁ ପଲିଥିନ୍ ଯୋଗାଇ ଦିଆଯାଇଛି। ବନ୍ୟା ପରିସ୍ଥିତିକୁ ଦେଖି ଘାଟବାସୁଲୀ ଗ୍ରାମର ୫୦ ଜଣଙ୍କୁ ବରଗାଁ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଛି। କିନ୍ତୁ ଲୋକେ ଏବେ ମଧ୍ୟ କୌଣସି ସ୍ଥାନକୁ ଯିବା ପାଇଁ ରାଜି ହେଉନାହାନ୍ତି। ଘାଟବାସୁଲୀ ଗ୍ରାମରେ ପ୍ରଶାସନ ଓ ଜନପ୍ରତିନିଧିମାନେ ରହି ୧୦୦ ଜଣଙ୍କୁ ରାତି ସୁଦ୍ଧା ସ୍ଥାନାନ୍ତର କରିବେ ବୋଲି ବିଡିଓ ସୂଚନା ଦେଇଛନ୍ତି । ପ୍ରତ୍ୟେକ ବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି କିନ୍ତୁ ତଳିଆ ଅଞ୍ଚଳର ଲୋକେ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ରାଜି ହେଉ ନାହାନ୍ତି ।

# ଜଳଘେରରେ ଥିବା ୧୨ ଶ୍ରମିକ ଉଦ୍ଧାର



ଶ୍ରମିକମାନଙ୍କୁ ଉଦ୍ଧାର କରି ଅଣାଯାଉଛି ।

ନବରଙ୍ଗପୁର/କୋଷାଗୁମୁଡ଼ା, ୮।୮(ବି.ପ୍ର./ଡି.ଏନ୍.ଏ.)

ପାଣି ଘେରରେ ଥିବା ୧୨ଜଣ ଶ୍ରମିକଙ୍କୁ ସୋମବାର ଉଦ୍ଧାର କରାଯାଇଛି। ନବରଙ୍ଗପୁର ଓ କୋଷାଗୁମୁଡ଼ା ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରିଥିବା ଖବର ମିଳିଛି।

ନବରଙ୍ଗପୁର ଜିଲାର କୋଷଗୁମୁଡ଼ା ବ୍ଲକ ଚିର୍ମାସ୍ଥିତ ଇନ୍ଦ୍ରାବତୀ ନଦୀ ପୋଲ ବିଭାଜନ ବିଭାଗ ଦ୍ୱାରା ଠିକା ଭିତ୍ତିକଭାବେ ନିର୍ମାଣ ଚାଲିଛି। ଏହି କାର୍ଯ୍ୟରେ ସାମିଲ ୧୨ ଜଣ ଶ୍ରମିକ ଏକ ଅସ୍ଥାୟୀ କ୍ୟାମ୍ପ କରି ରହିଆସୁଥିଲେ। ପ୍ରବଳ ବର୍ଷା ଯୋଗୁ ରବିବାର ରାତିରେ ଇନ୍ଦ୍ରାବତୀ ଜଳଗର୍ଭ ଫୁଲିଉଠିଥିଲା। ଫଳରେ ୧୨ ଜଣ ଶ୍ରମିକ କ୍ୟାମ୍ପ ଭିତରେ ଫସିଯାଇଥିଲେ। ସୋମବାର ଜିଲା ପ୍ରଶାସନ ଖବରପାଇ ତୁରନ୍ତ ନବରଙ୍ଗପୁର ଏବଂ କୋଷାଗୁମୁଡ଼ା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ତୁରନ୍ତ ଅଗ୍ନିଶମ ବାହିନୀ ଏହି ୧୨ ଜଣ ଶ୍ରମିକଙ୍କୁ ପାଣି ଘେରରୁ ଉଦ୍ଧାର କରିଥିଲେ। ଏହି ଉଦ୍ଧାର କାର୍ଯ୍ୟରେ ନବରଙ୍ଗପୁର ଅଗ୍ନିଶମ ବିଭାଗର ମୋହନ ବେହେରା, ବିକାଶ ମାଝି, ମିଥୁନ ନାହାକ, ସାରଥି ପଟେଲ, ଗିରିଧର ଗଉଡ଼, କୋଷାଗୁମୁଡ଼ା ଅଗ୍ନିଶମ ବିଭାଗର ଜଗଦୀଶ ମାଝି, ଗୁଷିମନି ଧାରୁଆ, ଗଙ୍ଗାରାଜୁ କାର୍ତ୍ତିକା, ଉମାକାନ୍ତ ବାଘ ପ୍ରମୁଖ ସାମିଲ ଥିଲେ। ଉଦ୍ଧାର ବେଳେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ବ୍ଲକ ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ ବିଶ୍ୱନାଥ ରାଉତ ଉପସ୍ଥିତ ଥିଲେ। ରବିବାର ଜିଲାରେ ଆଭରେଜ ୧୦୧.୫୫ ମି.ମି. ବର୍ଷା ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଡାବୁଗାଁ ବ୍ଲକରେ ସର୍ବାଧିକ ୨୨୫ ମି.ମି. ବର୍ଷା ହୋଇଥିବା ବେଳେ ପାପଡାହାଣ୍ଡିରେ ୧୯୦, କୋଷାଗୁମୁଡ଼ାରେ ୧୪୫, ନବରଙ୍ଗପୁରରେ ୧୦୪, ନନ୍ଦାହାଣ୍ଡିରେ ୯୩, ତେନ୍ତୁଲିଖୁଣ୍ଟିରେ ୬୫, ଉମରକୋଟରେ ୪୦,ଝରିଗାଁରେ ୫୨, ରାଇଘରରେ ୪୪, ଚାନ୍ଦାହାଣ୍ଡିରେ ୫୭ ମି.ମି. ବର୍ଷା ହୋଇଛି। ଲଘୁଚାପଜନିତ ଲଗାଣ ବର୍ଷାରେ ଜିଲାର ଇନ୍ଦ୍ରାବତୀ, ଚୁରି, ଅଙ୍ଗୀ, ଗୁଣିଥା, ଭାସ୍କଲ, ତେଲ ଆଦି ନଦୀରେ ଜଳସ୍ରୋତ ବୃଦ୍ଧି ପାଇବା ସହ ଜଳ ଗର୍ଭ ଫୁଲିଛି। ଫଳରେ କୋଷାଗୁମୁଡା, ନବରଙ୍ଗପୁର, ପାପଡ଼ାହାଣ୍ଡି ଆଦି ବ୍ଲକର ନଦୀକୂଳିଆ ଅଞ୍ଚଳ ଅନେକ ଜମି ବାଲିଚର ହୋଇଯାଇଛି। ବର୍ଷା କମିବା ପରେ କେତେ ପରିମାଣ ଜମିରେ ବାଲି ମାଡ଼ିଯାଇଛି ତାହାର ଆକଳନ କରାଯିବ ବୋଲି ସୂଚନା ମିଳିଛି।

## ଗଛ ପଡି ରାସ୍ତା ଅବରୋଧ

ଡାବୁଗାଁ, ୮।୮ (ଡି.ଏନ.ଏ.)

୨ ଦିନ ଧରି ଜାରି ରହିଥିବା ଲଘୁଚାପ ଜନିତ ବର୍ଷା ପ୍ରଭାବରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବଡଓଲମା ଗ୍ରାମ ଭିତରକୁ ଯାଇଥିବା ରାସ୍ତାରେ ସୋମବାର ପୂର୍ବାହ୍ନରେ ଏକ ଗଛ ପଡି ରାସ୍ତା ଅବରୋଧ ହୋଇଛି। ମଧ୍ୟାହ୍ନରେ ଡାବୁଗାଁ ଅଗ୍ନିଶମ କେନ୍ଦ୍ର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



ଅଗ୍ନିଶମ ବାହିନୀ ରାସ୍ତାରୁ ଗଛ ହଟାଉଛନ୍ତି ।

# ମାଲକାନଗିରି-ସୁକୁମା ମୁଖ୍ୟ ରାସ୍ତାରେ ଯାତାୟାତ ବନ୍ଦ

■ ଛତିଶଗଡ଼ର ଝାପରାଠାରେ ସବେରୀ ନଦୀର ଜଳସ୍ତର ବୃଦ୍ଧି

■ କନ୍ୟାଶ୍ରମ ପୋଲକୁ ଛୁଇଁଲା ପୋଟେରୁ ନଦୀ ଜଳ

■ ତଳି ଅଞ୍ଚଳରେ ସୁରକ୍ଷା ପଦକ୍ଷେପ ନିଆଯାଇଛି: ପ୍ରଶାସନ

ମାଲକାନଗିରି,୮।୮(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଦୁଇଦିନ ହେଲା ଲଗାଣ ବର୍ଷା ଜାରି ରହିଛି। ଆଗକୁ ଆହୁରି ଅଧିକ ବର୍ଷା ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ବର୍ଷା ପ୍ରଭାବରେ ସମସ୍ତ ନଦୀର ଜଳସ୍ତର ବୃଦ୍ଧି ପାଉଛି। ଜିଲାର ତଳି ଅଞ୍ଚଳରେ ଥିବା ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ସହ ପଡ଼ିଆ ବ୍ଲକକୁ ସଂଯୋଗ କରୁଥିବା କନ୍ୟାଶ୍ରମ ପୋଲଠାରେ ପୋଟେରୁ ନଦୀର ଜଳସ୍ତର ବଢ଼ି ପୋଲକୁ ଛୁଇଁଛି। ଫଳରେ ଲୋକେ ଯାତାୟାତ କରିବାକୁ ଭୟ କରୁଥିବା ଦେଖିବାକୁ ମିଳିଛି। ସେହିଭଳି ଛତିଶଗଡ଼ର ଝାପରାଠାରେ ସାବେରୀ ନଦୀର ଜଳସ୍ତର ବଢ଼ି ପୋଲ ଉପରେ ପାଣି ଚଢ଼ିବାରୁ ମାଲକାନଗିରି-ସୁକୁମା ମୁଖ୍ୟ ରାସ୍ତାରେ ଯାତାୟାତ ବନ୍ଦ ହେବା ସହ ଘଣ୍ଟା ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଅନେକ ଲୋକ ଅଟକି ରହିଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ହେଉଥିବା ଅଞ୍ଚଳ ଓ ତଳି ଅଞ୍ଚଳରେ ସମସ୍ତ ସୁରକ୍ଷା ପଦକ୍ଷେପ ନେଇଥିବା ସୂଚନା ମିଳିଛି।

ସୂଚନଯୋଗ୍ୟ, କିଛି ଦିନ ତଳେ ମଧ୍ୟ ଲଗାଣ ବର୍ଷା ପ୍ରଭାବରେ ଜିଲାର ମୋଟୁ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଥିଲା। ଏଥିରେ ଅନେକ ଘର ଓ ଲୋକ ପ୍ରଭାବିତ ହୋଇଥିଲେ। ବିଶେଷକରି ପୋଲାଭରମ ପ୍ରକଳ୍ପ ଯୋଗୁ ଏହି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା।



ଛତିଶଗଡ଼ର ଝାପରାଠାରେ ସାବେରୀ ନଦୀର ଜଳସ୍ତର ବୃଦ୍ଧିପାଇ ପୋଲ ଉପରେ ପ୍ରବାହିତ ହେଉଛି।

## ଗାଁ ଭିତରେ ୩ ଫୁଟ ପାଣି

କୋଡ଼ିଙ୍ଗା,(ଡି.ଏନ୍.ଏ.)

କୋଷାଗୁମଡା ବ୍ଲକରେ ୩ଦିନ ଲଗାଣବର୍ଷା ଫଳରେ ବାମୁଣି ପଞ୍ଚାୟତ କେରଲା ଗ୍ରାମରେ ବର୍ଷାପାଣି ପଶି ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ଗାଁ ଭିତରେ ପ୍ରାୟ ୩ ଫୁଟ ପାଣି ଚାଲିଥିବା ଦେଖିବାକୁ ମିଳିଛି। ଫଳରେ ଘରେ ଘରେ ପାଣି ପଶି ଅନେକ କ୍ଷୟକ୍ଷତି ହୋଇଥିବା ସୂଚନ ମିଳିଛି। ତୁଳାରାମ ବିଷୋୟୀଙ୍କ ଘରେ ପାଣି ପଶି ଚାଷ ପାଇଁ ରଖାଯାଇ ଥିବା ୧୫ ବସ୍ତା ୟୁରିଆ ସାର ୧୦ବସ୍ତା ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ଘନ ଶ୍ୟାମ ବିଷୋୟୀଙ୍କ ଘରେ ୨୫ ବସ୍ତା ପଟାସ ସାର ଏବଂ ଚାଉଳ ପାଣି ଭିଜି ନଷ୍ଟ ହୋଇ ଯାଇଛି। ଗାଁରେ ଜଳ ନିଷ୍କାସନର ଠିକ୍ ସୁବିଧା ନ ଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣା ପଡ଼ିଛି।

# କୋରାପୁଟରେ ୮୭୦.୮ ମିମି ବର୍ଷା

କୋଟପାଡରେ ସର୍ବାଧିକ ୧୯୪, ଲକ୍ଷ୍ମୀପୁରରେ ସର୍ବନିମ୍ନ ୬ ମିମି

କୋରାପୁଟ,୮।୮(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଗତ ସୋମବାର ୮୭୦.୮ ମିମି ବର୍ଷା ରେକର୍ଡ କରାଯାଇଛି। ସେଥିମଧ୍ୟରୁ ଜିଲାର କୋଟପାଡ ବ୍ଲକରେ ସର୍ବାଧିକ ୧୯୪ ମିମି ବର୍ଷା ହୋଇଥିବାବେଳେ ଲକ୍ଷ୍ମୀପୁର ବ୍ଲକରେ ସର୍ବନିମ୍ନ ୬ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ସୋମବାର ରେକର୍ଡ କରାଯାଇଛି। ରେକର୍ଡ ଅନୁଯାୟୀ ଜିଲାର ପଟ୍ଟାଙ୍ଗୀ ବ୍ଲକରେ ୧୪୯, ବୋରିଗୁମ୍ମାରେ ୯୨.୮, କୁନ୍ଦ୍ରାରେ ୮୦.୮, ବୈପାରୀଗୁଡାରେ ୭୦ ମିମି, ଲମତାପୁଟରେ ୫୨.୪ ମିମି ବର୍ଷା ରେକର୍ଡ କରାଯାଇଛି। କୋରାପୁଟ ବ୍ଲକରେ ୪୦.୪ମିମି, ଜୟପୁରରେ ୩୯.୮, ସେମିଳିଗୁଡ଼ାରେ ୭୧, ବନ୍ଧୁଗାଁରେ ୧୬ ମିମି, ନାରାୟଣପାଟଣାରେ ୯.୬ ମିମି, ନନ୍ଦପୁର ବ୍ଲକରେ ୪୧ ମିମି, ଦଶମନ୍ତପୁର ବ୍ଲକରେ ୮ ମିମି ବର୍ଷା ହୋଇଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ବର୍ଷା ଯୋଗୁ କୋରାପୁଟ ଜିଲାର ସେମିଳିଗୁଡା ବ୍ଲକର ୪ଟି ଘର ଭାଙ୍ଗିଯାଇଥିବା ସୋମବାର ଜିଲା ଜରୁରୀ ବିଭାଗ ପକ୍ଷରୁ ଜଣାପଡିଛି। କୋରାପୁଟ ଜିଲାରେ ଗତ ୩ଦିନ ଧରି ଜିଲାରେ ପ୍ରବଳ ବର୍ଷା ଜାରି ରହିଥିବାବେଳେ ଏଥିଯୋଗୁ ଜିଲାର ତେଲେଙ୍ଗିରି ଜଳଭଣ୍ଡାରର ଜଳସ୍ତର ୬୨୭ ମିଟରକୁ ବୃଦ୍ଧି ପାଇଛି। କୋଲାବ ଜଳଭଣ୍ଡାର ଜଳସ୍ତର ୮୪୮.୬୬ ମିଟରକୁ ବୃଦ୍ଧି ପାଇଛି। ସେହିପରି ଅପର ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ୬୩୩.୨୪ ମିଟରକୁ ବୃଦ୍ଧି ପାଇଥିବା ଖବର ମିଳିଛି।

## କ୍ଷତିଗ୍ରସ୍ତଙ୍କୁ ଭେଟିଲେ ବିଧାୟକ

ପାପଡାହାଣ୍ଡି, ୮।୮(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ପାପଡାହାଣ୍ଡି ଗ୍ରାମର କେତେକ ସାହିରେ ଘରେ ଘରେ ପାଣି ପଶିବା ସହ ଲୋକଙ୍କ ଘର ଭାଙ୍ଗି ଯାଇଥିଲା। ସୋମବାର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କ୍ଷତିଗ୍ରସ୍ତଙ୍କୁ ଭେଟ ସେମାନଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ପ୍ରତ୍ୟେକ ବର୍ଷ ଏଭଳି ସମସ୍ୟା ହେଉଛି। ଏହାର ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀ କହିଛନ୍ତି। ଅଳ୍ପ ଦିନ ମଧ୍ୟରେ ଡ୍ରେନେଜ ବ୍ୟବସ୍ଥା କରିବା ସହ ଏହାର ସ୍ଥାୟୀ ସମାଧାନ କରିବାପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ପାଇକ ସାହିରେ ରହୁଥିବା ୩୫ରୁ ୪୦ ପରିବାରକୁ ପଟ୍ଟା ପ୍ରଦାନ କରିବା ପାଇଁ ମଧ୍ୟ ପ୍ରଶାସନ ସହ ଆଲୋଚନା କରି ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହି ସମୟରେ ଉପସ୍ଥିତ ଥିବା ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ ଜିଲା ପରିଷଦ ପାଣ୍ଠିରୁ ଡ୍ରେନେଜ ପାଇଁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଜିଲା ବିଜେଡି ମେଡ଼ିଆ ସେଲ ସଭାପତି ପରେଶ ଜେନା, ରାଜେଶ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।



କ୍ଷତିଗ୍ରସ୍ତଙ୍କୁ ଭେଟିବାକୁ ଯାଉଥିବା ଡାବୁଗାଁ ବିଧାୟକ ଓ ଅନ୍ୟମାନେ।

## ତଳିଆ ଅଞ୍ଚଳବାସୀଙ୍କୁ ସତର୍କ କଲା ପ୍ରଶାସନ

ସାମାନ୍ୟ ଖସିଲା ବଂଶଧାରା ଜଳସ୍ତର

ରାୟଗଡ଼ା ଅଫିସ,୮।୮

ରାୟଗଡ଼ା ଜିଲାରେ ବର୍ଷାର ପରିମାଣ କମିଥିଲେ ମଧ୍ୟ ବଂଶଧାରା, ନାଗାବଳୀ, ଝଞ୍ଜାବତୀ ଓ କଲ୍ୟାଣୀ ନଦୀର ଜଳସ୍ତର ବିଶେଷ କମିନାହିଁ। ଜିଲାପାଳ ସ୍ୱଧା ଦେବ ସିଂଙ୍କ ନିର୍ଦ୍ଦେଶରେ ନଦୀ କୂଳିଆ ଲୋକଙ୍କୁ ପ୍ରଶାସନ ପକ୍ଷରୁ ରବିବାର ଠାରୁ ସତର୍କ କରାଯାଇଛି। ଅଗ୍ନିଶମ ବିଭାଗ ମଧ୍ୟ ସଜାଗ ରହିବା ପାଇଁ କୁହାଯାଇଛି। ଗତ ୧୫ ଘଣ୍ଟା ମଧ୍ୟରେ ଗୁଣପୁର ଠାରେ ବଂଶଧାରା ନଦୀର ଜଳସ୍ତର ଗତକାଲି ୮୧.୯୫ ମିଟର ରହିଥିବାବେଳେ ସୋମବାର ତାହା ୮୧.୮୦ ମିଟର ରହିଛି। ଦିନ ସାଢ଼େ ୧୧ଟାରୁ ସାଢ଼େ ୨ ଟା ମଧ୍ୟରେ ୨୦.୪୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ବଂଶଧାରା ନଦୀର ସତର୍କ ସଙ୍କେତ ସ୍ତର ୮୩.୦୦ ମିଟର ହୋଇଥିବାବେଳେ ବିପଦ ସଙ୍କେତ ସ୍ତର ୮୪.୦୦ ମିଟର ରହିଛି। ନଦୀର ଜଳସ୍ତର ସତର୍କ ସଙ୍କେତ ଠାରୁ ତଳେ ରହିଛି। ବିପଦ କମିଥିଲେ ମଧ୍ୟ ତଳିଆ ଅଞ୍ଚଳର ଲୋକେ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ରୟଗଡ଼ା ଠାରେ ୧୪.୯ ମି.ମି. ବର୍ଷା ରେକର୍ଡ ହୋଇଥିବାବେଳେ କୋଲନରାରେ ୧୦.୪, କଲ୍ୟାଣସିଂହପୁରରେ ୨୫.୬, କାଶୀପୁରରେ ୫.୬, ଗୁଣପୁରରେ ୦୦, ପଦ୍ମପୁରରେ୫.୪, ଗୁଡାରୀରେ ୧୦.୬, ରାମନଗୁଡ଼ାରେ୬.୬, ବିଷମକଟକରେ ୨୪.୮, ମୁନିଗୁଡ଼ାରେ ୩୫.୪ ଏବଂ ଚନ୍ଦ୍ରପୁରରେ ୧୨.୦ ମି.ମି. ଏବଂ ମୋଟ ୧୫୧.୩ ମି.ମି. ବର୍ଷା ରେକର୍ଡ କରାଯାଇଥିବା ଜିଲା ଜରୁରୀକାଳୀନ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକ ବର୍ଷା ହେଲେ ମାଟି ଅତଡ଼ା ଧସିବା ଏବଂ ଭୂସ୍ଖଳନ ହେବା ଆଶଙ୍କା ରହିଛି। ତେଣୁ ବ୍ଲକ ପ୍ରଶାସନକୁ ମଧ୍ୟ ସତର୍କ କରାଯାଇଛି।

## ତିଆରି ହେଲା ଅସ୍ଥାୟୀ ପୋଲ, ଗାଁକୁ ଗଲା ମେଡିକାଲ ଟିମ୍

ପାପଡାହାଣ୍ଡି, ୮।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ସରପଞ୍ଚ ଚନ୍ଦ୍ର ଧ୍ୱଜ ମାଝି ଝାଡାବାନ୍ତି ଆକ୍ରାନ୍ତ ଗ୍ରାମ ତୁଳସୀପଦର ଲାଗି ଅସ୍ଥାୟୀ ପୋଲ ନିର୍ମାଣ କକରିଛନ୍ତି। ସ୍ଥାନୀୟ ଅଞ୍ଚଳର କେତେଜଣଙ୍କୁ ନେଇ ନାଳରେ ଏକ ସିମେଣ୍ଟ ପୋଲ ଓ କାଠ ପକାଇ ସେ ଏହି ଅସ୍ଥାୟୀ ପୋଲ ତିଆରି କରିଛନ୍ତି।

ଗତ କିଛିଦିନ ହେବ ସେହି ଗ୍ରାମର କେତେଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମେଡିକାଲ ଟିମ୍ ଦ୍ୱାରା ଚିକିତ୍ସିତ ହେଉଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ନିୟନ୍ତ୍ରଣରେ ରହିଥିବା ବେଳେ ମେଡିକାଲ ଟିମ୍ ସେଠାରେ ଚିକିତ୍ସା ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଲଗାଣ ବର୍ଷାରେ ସେହି ଗାଁରେ ଥିବା ନାଳରେ ପାଣି ଭର୍ତ୍ତି ହେବା ଫଳରେ ମେଡିକାଲ ଟିମ୍ ପହଞ୍ଚି ପାରି ନ ଥିଲେ। ଏପଟେ ଡାକ୍ତରୀ ଦଳ ରହି ଅନ୍ୟ ପଟେ ରୋଗୀ ରହିଥିଲେ। ପଥର ସାହାଯ୍ୟରେ ଔଷଧ ଫିଙ୍ଗା ଯାଉଥିବା ଦୃଶ୍ୟ ସାମ୍ନାକୁ ଆସିଥିଲା। ଏହି ଖବର ଜାଣିବା ପରେ ମୈଦଲପୁର ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝି ସ୍ଥାନୀୟ ଲୋକଙ୍କୁ କର୍ମକର୍ତ୍ତା ମାନଙ୍କୁ ନେଇ ସେହି ନାଳରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ଯାହା ଫଳରେ ମେଡିକାଲ ଟିମ୍ ସେହି ତୁଳସୀପଦର ଗ୍ରାମରେ ପହଞ୍ଚି ପାରିଛନ୍ତି। ଏହି ଅସ୍ଥାୟୀ ପୋଲ ସାହାଯ୍ୟରେ ରୋଗୀଙ୍କ ଚିକିତ୍ସା କରିହେବ ବୋଲି ସରପଞ୍ଚ କହିଛନ୍ତି। ସ୍ଥାନୀୟ ଲୋକେ ସରପଞ୍ଚଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ଅସ୍ଥାୟୀ ପୋଲ ଦେଇ ଲୋକେ ତୁଳସୀପଦର ଗାଁକୁ ଯାଉଛନ୍ତି ।

